# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 11 May - 2026

*********************************

## ମୁଖ୍ୟ ସମ୍ବାଦ

- ସୋମନାଥ ଅମୃତ ପର୍ବ ହଜାରେ ବର୍ଷ ପର୍ଯ୍ୟନ୍ତ ଦେଶବାସୀଙ୍କୁ ପ୍ରେରଣା ଯୋଗାଇବ; କହିଲେ ପ୍ରଧାନମନ୍ତ୍ରୀ
- ଓଡ଼ିଶାକୁ ଦେଶର ସାଂସ୍କୃତିକ ରାଜଧାନୀରେ ପରିଣତ କରିବାକୁ ସରକାର ସଂକଳ୍ପବଦ୍ଧ
- ଭି.ବି.– ଜି.ରାମ.ଜୀ ଆଇନ ଆସନ୍ତା ଜୁଲାଇ ପହିଲାରୁ ଦେଶରେ କାର୍ଯ୍ୟକାରୀ ହେବା ନେଇ ବିଜ୍ଞପ୍ତି ପ୍ରକାଶ
- ପୁରୀ ଶ୍ରୀମନ୍ଦିରରେ ରତ୍ନଭଣ୍ଡାରର ପୁନଃ ଗଣତି କାର୍ଯ୍ୟ ଆରମ୍ଭ

ଏବଂ

- ଦକ୍ଷିଣ–ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ରର ପ୍ରଭାବରେ ରାଜ୍ୟର ୨୦ଟି ଜିଲ୍ଲାରେ ବର୍ଷା ସମ୍ଭାବନା

# ପିଏମ୍-ସୋମନାଥ

ସୋମନାଥ ଅମୃତ ପର୍ବ କେବଳ ଏକ ଉତ୍ସବ ନୁହେଁ ଏହା ଦେଶକୁ ଆଗାମୀ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ପ୍ରେରଣା ଯୋଗାଉଥିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଦେଶର ପ୍ରଥମ ଜ୍ୟୋତିର୍ଲିଙ୍ଗ ସୋମନାଥ ମହାଦେବ ମନ୍ଦିରର ଆଜି ପୁନଃନିର୍ମାଣର ୭୫ ବର୍ଷ ପାଳନ ଅବସରରେ 'ସୋମନାଥ ଅମୃତ ପର୍ବ ୨୦୨୬'ରେ ଯୋଗଦେଇ ଶ୍ରୀ ମୋଦୀ କହିଛନ୍ତି, ସୋମନାଥ ମନ୍ଦିର ଅତୁଟ ବିଶ୍ୱାସ, ଭକ୍ତି ଏବଂ ଦେଶର ଅମରଆତ୍ମାର ପବିତ୍ର ନିଦର୍ଶନ। ସୋମନାଥ ମନ୍ଦିରର ଭବ୍ୟ ଏବଂ ପବିତ୍ର ପରିବେଶ ମଧ୍ୟରେ ମହାଦେବଙ୍କ ପୂଜାର୍ଚ୍ଚନା ଏବଂ କୁମ୍ଭାଭିଷେକ ଏକ ଅବିସ୍ମରଣୀୟ ମୁହୂର୍ତ୍ତ ସୃଷ୍ଟି କରିଛି । ସୋମନାଥ ମନ୍ଦିର ଇତିହାସରେ ପ୍ରଥମଥରପାଇଁ ୧୧ଟି ତୀର୍ଥସ୍ଥଳୀରୁ ପବିତ୍ର ଜଳ ସଂଗ୍ରହ କରାଯାଇ ଜଳାଭିଷେକ କରାଯାଇଥିଲା । ଏହି ଅବସରରେ ଶ୍ରୀ ମୋଦୀ ସେଠାରେ ଧ୍ୱଜପୂଜା ଉତ୍ସବରେ ଯୋଗ ଦେଇଥିଲେ ।

**- V/O -PM**

ଭାରତୀୟ ବାୟୁସେନା ପକ୍ଷରୁ ସୂର୍ଯ୍ୟକିରଣ, ଏରୋବାଟିକ୍ସ ଟିମ୍ ପକ୍ଷରୁ ବିଭିନ୍ନ କଳା-କୌଶଳ ପ୍ରଦର୍ଶନ କରାଯାଇଥିବାବେଳେ ହେଲିକପ୍ଟର ସାହାଯ୍ୟରେ ସୋମାନଥ ମନ୍ଦିର ଉପରେ ପୁଷ୍ପବୃଷ୍ଟି କରାଯାଇଥିଲା । ସୋମନାଥ ଅମୃତପର୍ବ ସମ୍ପର୍କିତ ଏକ ବିଶେଷ ପ୍ରଦର୍ଶନୀକୁ ପ୍ରଧାନମନ୍ତ୍ରୀ ବୁଲି ଦେଖିଥିଲେ । ଏହାପୂର୍ବରୁ ଶ୍ରୀ ମୋଦୀ ଏକ

ରୋଡ ଶୋ'ରେ ହମିରଜୀ ଗୋହିଲ ସର୍କଲ ପର୍ଯ୍ୟନ୍ତ ଯାଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

Desk

## ମୁଖ୍ୟମନ୍ତ୍ରୀ– ସୋମନାଥ ମନ୍ଦିର

ସୋମନାଥ ମନ୍ଦିର ପୁନରୁଦ୍ଧାରର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ଭୁବନେଶ୍ୱର ଏକାମ୍ରକ୍ଷେତ୍ର ସ୍ଥିତ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠରେ ସୋମନାଥ ସ୍ୱାଭିମାନ ପର୍ବ ପାଳନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ଯୋଗଦେଇ ସୋମନାଥ ଓ ଲିଙ୍ଗରାଜଙ୍କ ମଧ୍ୟରେ ଥିବା ଅଦୃଶ୍ୟ ଏବଂ ଗଭୀର ସମ୍ପର୍କ ଉପରେ ଆଲୋକପାତ କରିଥିଲେ ।

ଭାରତୀୟ ସଂସ୍କୃତିର ସୁରକ୍ଷା ଓ ଶୈବପୀଠଗୁଡ଼ିକର ବିକାଶ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୁରୁତ୍ୱାରୋପ କରି କହିଛନ୍ତି, ସୋମନାଥ ମନ୍ଦିର ୧୪୦ କୋଟି ଭାରତୀୟଙ୍କ ଆତ୍ମସମ୍ମାନର ପ୍ରତୀକ । ମନ୍ଦିର ପୁନରୁଦ୍ଧାରର ୭୫ ବର୍ଷ ଭାରତର ସାଂସ୍କୃତିକ ପୁନର୍ଜାଗରଣର ନୂଆ ଅଧ୍ୟାୟ । ସୋମନାଥ ମନ୍ଦିରର ପୁନରୁଦ୍ଧାର ଥିଲା ଲୌହମାନବ ସର୍ଦ୍ଦାର ପଟେଲଙ୍କ ଭାରତୀୟ ସଭ୍ୟତାର ପୁନଃସ୍ଥାପନର ଶୁଭାରମ୍ଭ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଦେଶରେ ସାଂସ୍କୃତିକ ପୁନଃ ଜାଗରଣ ଘଟୁଛି । ବିକାଶ ଓ ଐତହ୍ୟକୁ ଏକତ୍ର କରି ଓଡ଼ିଶାକୁ ଦେଶର ସାଂସ୍କୃତିକ ରାଜଧାନୀ ଭାବେ ଗଢ଼ିତୋଳିବାକୁ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

Nayagarh/CTC

## ସୋମନାଥ ପର୍ବ- ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ସୋମନାଥ ସ୍ୱାଭିମାନ ପର୍ବ ପାଳିତ ହୋଇଯାଇଛି।

କଟକର ଧବଳେଶ୍ୱର ପୀଠ, ନୟାଗଡ଼ ଜିଲ୍ଲାର ଲଡୁବାବାଙ୍କ ମନ୍ଦିରରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶ୍ରଦ୍ଧାଳୁମାନେ ବଡ଼ପରଦା ସୋମନାଥ ମନ୍ଦିରର ସିଧାସଳଖ ପୂଜାର୍ଚ୍ଚନା ଦେଖିଥିଲେ।

Desk

## ସେଣ୍ଟର - ଭିବିଜି ରାମ୍

କେନ୍ଦ୍ର ସରକାର ବିକଶିତ ଭାରତ - ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ ଆଇନ୍ ୨୦୨୫କୁ କାର୍ଯ୍ୟକାରୀ କରିବା ନିମନ୍ତେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଚଳିତବର୍ଷ ଜୁଲାଇ ମାସ ୧ ତାରିଖରୁ ଦେଶରେ ଏହି ଆଇନ୍ କାର୍ଯ୍ୟ କରିବ। କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଭିବିଜୀ ରାମ ଯୋଜନାରେ ପ୍ରତ୍ୟେକ ଆର୍ଥିକ ବର୍ଷରେ ୧୨୫ ଦିନର କାମ ଯୋଗାଇ ଦିଆଯିବ । ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ୯୫ ହଜାର ୬୯୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

ଭିବିଜୀ ରାମ୍ ଜୀ ଯୋଜନା ୨୦୦୫ ମସିହାର ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ପରିବର୍ତ୍ତେ କାର୍ଯ୍ୟକ୍ଷମ ହୋଇଛି ।

ନୂଆ ଆଇନ୍‌ରେ ୧୦୦ ଦିନ ବଦଳରେ ଗୋଟିଏ ଆର୍ଥିକ ବର୍ଷରେ ୧୨୫ ଦିନର କର୍ମସଂସ୍ଥାନ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଗ୍ରାମୀଣ ବିକାଶ ଓ ପରିବାରଗୁଡ଼ିକୁ ସଶକ୍ତ କରିବା ଏବଂ ଆର୍ଥିକ ସୁରକ୍ଷା ଭଳି ବ୍ୟବସ୍ଥା ନୂଆ ଆଇନ୍‌ରେ ରହିଛି । ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଯୋଗାଇ ଦିଆ ନ ଗଲେ ଭତ୍ତା ଦିଆଯିବାର ବ୍ୟବସ୍ଥା ମଧ୍ୟ କରାଯାଇଛି । ୨୦୪୭ ବିକଶିତ ଭାରତ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ନୂଆ ଆଇନ୍ ପ୍ରଣିତ କରାଯାଇଥିବା କୁହାଯାଇଛି ।

Desk

## ରତ୍ନଭଣ୍ଡାର ଗଣତି

ପୁରୀ ଶ୍ରୀମନ୍ଦିରରେ ଆଜି ଅପରାହ୍ନରେ ଭିତର ରତ୍ନଭଣ୍ଡାରର ଗଣତି କାର୍ଯ୍ୟ ପୁନଃ ଆରମ୍ଭ ହୋଇଛି। ଚଳିତ ମାସରେ ୯ ଦିନ ଧରି ଗଣତି ମଣତି କାର୍ଯ୍ୟ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ପାଇଁ ଭିତରର ରତ୍ନଭଣ୍ଡାରର ଗଣତି କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ଗତ ମାସ ୧୪ ତାରିଖରୁ ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କରାଯାଇ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଅଳଙ୍କାରର ଗଣତି ଶେଷ ହୋଇଛି। ରତ୍ନ ଅଳଙ୍କାର ଗଣତି ସମୟରେ ଶ୍ରୀମନ୍ଦିରର ବଣିଆ ସେବକ, ରତ୍ନ ବିଶାରଦ ଏବଂ ଆର୍.ବି.ଆଇ.ର ଅଧିକାରୀମାନେ ଉପସ୍ଥିତ ଥିଲେ। ସିସିଟିଭି ମଧ୍ୟରେ ସମସ୍ତ ଗଣତି କାର୍ଯ୍ୟ କରାଯିବା ସହ ରତ୍ନ ଅଳଙ୍କାରର

ସମ୍ପୂର୍ଣ୍ଣ ଭିଡିଓ ଗ୍ରାଫି ଏବଂ ଫଟୋଗ୍ରାଫି କରାଯାଇଛି ବୋଲି ରତ୍ନ ଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ସୂଚନା ଦେଇଛନ୍ତି ।

I&PR

## ରାସ୍ତା ନିର୍ମାଣ

କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା– ନୂଆପଡ଼ା ଜିଲ୍ଲାର ଖରିଆର ପର୍ଯ୍ୟନ୍ତ ପ୍ରାୟ ୭୦ କିଲୋମିଟର ଦୀର୍ଘ ରାସ୍ତାକୁ ଚାରି ଲେନ୍ ବିଶିଷ୍ଟ କରାଯିବ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଏହି ରାସ୍ତା ମଧ୍ୟରେ ୫ଟି ମୁଖ୍ୟ ସେତୁ ଓ ୧୫ଟି ଛୋଟ ସେତୁର ନିର୍ମାଣ କରାଯିବ । ରାସ୍ତା ନିର୍ମାଣ ପାଇଁ ୬୪୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ସେତୁ ନିର୍ମାଣ ପାଇଁ ୯୧ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି । ଏଥିସହିତ ତେଲ ନଦୀ ଉପରେ ଥିବା ପୁରୁଣା ସେତୁର ମଧ୍ୟ ମରାମତି ଓ ନବୀକରଣ ହେବ । କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲା ମଧ୍ୟରେ ଯୋଗାଯୋଗକୁ ତ୍ୱରିତ ଓ ସୁଗମ କରିବା ଲକ୍ଷ୍ୟ ନେଇ ଏହି ରାସ୍ତା ନିର୍ମାଣ କରାଯିବ । ଏହାଦ୍ୱାରା ସ୍ଥାନୀୟ ଲୋକଙ୍କ ଗମନାଗମନକୁ ସୁବିଧା ହେବା ସହ କ୍ଷୁଦ୍ର ଚାଷୀ ଓ ବ୍ୟବସାୟୀମାନେ ବିଶେଷ ଉପକୃତ ହେବେ ।

Kendrapara

## ଉନ୍ନୟନମୂଳକ ପ୍ରକଳ୍ପ ସମୀକ୍ଷା

ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଦିନିକିଆ କେନ୍ଦ୍ରାପଡ଼ା ଜିଲ୍ଲାରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

Desk

## ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ

ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଆଜି ପାଳନ କରାଯାଉଛି। ୧୯୯୮ ମସିହା ମଇ ମାସରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସରକାର ରାଜସ୍ଥାନର ପୋଖରାନଠାରେ ସଫଳତାର ସହିତ ପରମାଣୁ ପରୀକ୍ଷା କରିଥିଲେ। ଭାରତର ସାହସିକତାକୁ ବିଶ୍ୱ ଦରବାରରେ ପହଁଞ୍ଚାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଭାବେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ସମାବେଶୀ ବିକାଶପାଇଁ ଦାୟିତ୍ୱପୂର୍ଣ୍ଣ ନବସୃଜନ" ।

M.giri/N.rangpur/Koraput/Nayagarh/Boudh/BHK/K.Para/Baragarh/Rayagarh/Puri/

## ଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ସ୍ଥାନରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

**ବରଗଡ଼** ଜିଲ୍ଲାର ଭେଡେନ୍ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋଏଲ ଓ ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ୫୯ଟି ଅଭିଯୋଗର ଶୁଣାଣି କରାଯାଇ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

**ରାୟଗଡ଼ା** ଜିଲ୍ଲା ପଦ୍ମପୁର ବ୍ଲକ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ୨୯ଟି ଅଭିଯୋଗର ଶୁଣାଣି କରି ୩ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

**ପୁରୀ** ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର କୃଷ୍ଣପ୍ରସାଦ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।

**କେନ୍ଦ୍ରାପଡ଼ା** ଜିଲ୍ଲା ମହାକାଳପଡ଼ା ବ୍ଲକରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ଦୁଇଟି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ ।

**ଭଦ୍ରକ** ଜିଲ୍ଲା ଚାନ୍ଦବାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଓ ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ ଅଭିଯୋଗର

ଶୁଣାଣି କରି ୫ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି ।

**ନୟାଗଡ଼** ଜିଲ୍ଲା ଭାପୁର ବ୍ଲକରେ ଆୟୋଜିତ ଶିବିରରେ ଜିଲ୍ଲାପାଳ ମଧୁମିତା ରଥ ୧୯ଟି ସମସ୍ୟାର ତତ୍କାଳ ସମାଧାନ କରିଥିଲେ ।

**ବୌଦ୍ଧ** ଜିଲ୍ଲା ହରଭଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ ଶୁଣାଣି କରି ୨୯ଟି ଅଭିଯୋଗର ତୁରନ୍ତର ସମାଧାନ କରିଥିଲେ ।

**କୋରାପୁଟ** ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଶିବିରରେ ୨୧ଟି ଅଭିଯୋଗର ଶୁଣାଣି କରାଯାଇ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

**ନବରଙ୍ଗପୁର** ଜିଲ୍ଲା ଡାବୁଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ ୬ଟି ଅଭିଯୋଗର ଶୁଣାଣି କରାଯାଇ ତତ୍କାଳ ସମାଧାନ କରାଯାଇଥିଲା । ୪ ଜଣ ଦିବ୍ୟାଙ୍ଗଙ୍କୁ ହୁଇଲଚେୟାର ପ୍ରଦାନ କରାଯାଇଛି ।

**ମାଲକାନଗିରି** ଜିଲ୍ଲାପାଳ ୫୭ଟି ଅଭିଯୋଗର  ଶୁଣାଣି କରି ଏହାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

Desk

## ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣିବଳୟର ପ୍ରଭାବରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଏହାର ପ୍ରଭାବରେ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୪୦ ରୁ ୫୦ କିଲୋମିଟର ବହିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।